ସକାଳ
THE SAKALA



www.sakalaepaper.com

### କେବେ କାର୍ଯ୍ୟକ୍ଷମ ହେବ ବିଏସ୍‌ଏନ୍‌ଏଲ୍ ଟାୱାର

# ଖଲିଗଡ଼ରେ କନ୍ଧାଉଛି ମୋବାଇଲ ନେଟ୍‌ୱାର୍କ



କୋକସରା, ୧୮ ।୬(ସମିସ): ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମରେ ଦୁର୍ଗମ ତଥା ଉପାନ୍ତ ଗାଁକୁ ଯୋଡ଼ିବା ପାଇଁ ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ ମୋବାଇଲ ଟାୱାର ସ୍ଥାପନ ପାଇଁ ମଞ୍ଜୁରୀ ଦେବାପରେ ପ୍ରାୟ ଦେଢ଼ ବର୍ଷ ତଳେ କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଦୁଦୁକାଠେଙ୍ଗା ଗ୍ରାମ ପଞ୍ଚାୟତର ଉପାନ୍ତ ଗାଁ ଖଲିଗଡ଼ ଗ୍ରାମରେ ଏକ ବିଏସଏନଏଲ ମୋବାଇଲ ଟାୱାର ସ୍ଥାପନ ହୋଇଛି । ହେଲେ ଆଜି ସୁଦ୍ଧା ଏହି ମୋବାଇଲ ଟାୱାର କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ସୂଚନାଯୋଗ୍ୟ ଖଲିଗଡ଼ ଗ୍ରାମରେ ନେଟ୍‌ୱାର୍କ ପାଉ ନ ଥିବାରୁ ଯୋଗାଯୋଗ, ଆମ୍ବୁଲାନ୍ସ କିମ୍ବା ଅନଲାଇନ୍ ପାଠପଢ଼ା ମଧ୍ୟ ହୋଇପାରୁନାହିଁ । ଏମିତି କି କାହାରି ପ୍ରସବ ଯନ୍ତ୍ରଣା ହେଲେ ଆମ୍ବୁଲାନ୍ସକୁ ଫୋନ୍ କରିବାକୁ ହେଲେ ୩ କିମି ଦୂର ବାଟକୁ ଯିବାକୁ ପଡ଼େ । ନଚେତ ଗଛ ଉପରେ ବିପଦପୂର୍ଣ୍ଣ ଭାବରେ ଚଢ଼ି ନେଟ୍‌ୱାର୍କ ଖୋଜି ଫୋନ୍ କରିବାକୁ ପଡ଼ିଥାଏ । ଗାଁରେ ଆମ୍ବୁଲାନ୍ସ ପହଞ୍ଚିଲେ ଡ୍ରାଇଭରଙ୍କ ଫୋନ୍ ନ ଲାଗିବାରୁ ଅନେକ ହଇରାଣ ମଧ୍ୟ ହୁଅନ୍ତି । ଏଥିପାଇଁ ଲୋକ ଗାଁ ମୁଣ୍ଡରେ ଆମ୍ବୁଲାନ୍ସକୁ ଜଗି ରୁହନ୍ତି । ଖାଲି ସେତିକି ନୁହେଁ ନେଟ୍‌ୱାର୍କ ଅସୁବିଧା ଯୋଗୁଁ ଗଛ ଓ ପାହାଡ଼ ଉପରେ ଚଢ଼ିଲେ ମଧ୍ୟ ଠିକ୍ ହିସାବରେ ମୋବାଇଲର ସିଗନାଲ୍ ମଧ୍ୟ ଆସେ ନାହିଁ । ତେଣୁ ସରକାରୀ କାମରେ ବି ନାକେଦମ ହେଉଛନ୍ତି ସରକାରୀ କର୍ମଚାରୀ । ଗାଁ ବାହାରେ ଥିବା ନିଜ ପରିବାର ତଥା ସମ୍ପର୍କୀୟ ସହ ମଧ୍ୟ ଭଲରେ ସମ୍ପର୍କ ମଧ୍ୟ ହୋଇପାରୁ ନାହିଁ । ଏ ସମ୍ପର୍କରେ ଦୈନିକ 'ସକାଳ'ରେ ପୂର୍ବରୁ ଏକ ଖବର ପ୍ରକାଶ ପାଇଥିଲା । ଏହାପରେ ବିଏସଏନଏଲ ପକ୍ଷରୁ ୪-ଜି ସେବା ପାଇଁ ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ୩୧ ଡିସେମ୍ବର ୨୦୨୩ ସୁଦ୍ଧା ମୋବାଇଲ ନେଟ୍‌ୱାର୍କ କାର୍ଯ୍ୟକ୍ଷମ ହେବ ବୋଲି ବିଏସଏନଏଲ ଡିଜିଏମ୍ ପକ୍ଷରୁ ସୂଚନା ଦିଆଯାଇଥିଲା । ହେଲେ ଦୀର୍ଘ ୫ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ । ଚଳିତ ସାଧାରଣ ନିର୍ବାଚନ ସମୟରେ ଅନେକ ନେତା ଗାଁକୁ ଭୋଟ ଭିକ୍ଷା କରିବାକୁ ଆସି ଆମେ ଜିତିଲେ ଗାଁରେ ଶୀଘ୍ର ନେଟ୍‌ୱାର୍କ କାର୍ଯ୍ୟକ୍ଷମ ହେବ ବୋଲି କେତେ ପ୍ରତିଶ୍ରୁତି ଦେଇଥିଲେ । ହେଲେ ଏବେ ବିଜୟୀ ହେବାପରେ କେହି ଧ୍ୟାନ ଦେଉ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ବର୍ତ୍ତମାନ ଏହି ଟାୱାର ବିହୀନ ଖଲିଗଡ଼ ଗ୍ରାମରେ ବସବାସ କରୁଥିବା ଗ୍ରାମବାସୀ ମୋବାଇଲ ଟାୱାର ସମସ୍ୟାକୁ ନେଇ ଦୈନନ୍ଦିନ ଜୀବନରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ସରକାର ଓ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ମୋବାଇଲ ନେଟ୍‌ୱାର୍କ କାର୍ଯ୍ୟକ୍ଷମ କରିବା ପାଇଁ ଖଲିଗଡ଼ ଗ୍ରାମବାସୀ ଦାବି କରିଛନ୍ତି ।

# ମନ୍ଦିର କାମରେ ଅବହେଳା ନେଇ କମିଟି ଖପ୍ପା

- ଜିଲ୍ଲାପାଳଙ୍କୁ ଭେଟି କର୍ମକର୍ତ୍ତାଙ୍କ ଅଭିଯୋଗ
- ଠିକାଦାରଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ



ନୂଆପଡ଼ା, ୧୮ ।୬(ସମିସ): ରାଜ୍ୟସରକାର ପତୋରାର ଐତିହାସିକ ଯୋଗେଶ୍ୱର ମନ୍ଦିର ପୁନଃରୁଦ୍ଧାର ସକାଶେ ପ୍ରୟାସ କରି କୋଟି କୋଟି ଟଙ୍କାର ଅନୁଦାନ ଅନୁଦାନ ଦେଇଛନ୍ତି; ହେଲେ ବିଭାଗୀୟ ଅବହେଳା ଯୋଗୁଁ କାମ ଧୀମେଇ ଯାଇଛି । ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ମନମୁଖୀ କାରବାର ଯୋଗୁଁ ଏଥିରେ ବ୍ୟାପକ ଅନିୟମିତତା ହେଉଥିବା ମନ୍ଦିର ପରିଚାଳନା କମିଟି କ୍ଷୋଭ ପ୍ରକାଶ କରିବା ସହ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି । କମିଟି ସଭାପତି ମୁରଲୀଧର ପଣ୍ଡା ଏବଂ ସଦସ୍ୟ ଭରତଲାଲ ରାଉତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଦାବିପତ୍ର ଦେବା ସହ ବ୍ୟାପକ ଭାବରେ ଆଲୋଚନା କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନ ୧୧ଟାବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲାପାଳଙ୍କୁ ଭେଟିଥିଲେ ।

ପର୍ଯ୍ୟଟନ ବିଭାଗ ଯୋଗେଶ୍ୱର ମନ୍ଦିରର ପୁନଃରୁଦ୍ଧାର ସକାଶେ ଆଖି ବୁଜିଦେଇଥିଲା । ଗତ ବର୍ଷ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଦାବି ଓ ପ୍ରତିବାଦ ପରେ ରାଜ୍ୟ ସରକାର ୫କୋଟି ଟଙ୍କାର ଅନୁଦାନ ଦେବାକୁ ଘୋଷଣା କରିବା ସହ ପ୍ରଥମ ଦଫାରେ ୪କୋଟି ଟଙ୍କା ମଞ୍ଜୁର କରିଥିଲେ । ସେହି ଅନୁସାରେ ଏଠାରେ ୨କୋଟି ଟଙ୍କା ବ୍ୟୟରେ ଏକ ଭୋଗ ମଣ୍ଡପ ସହ ଦୋକାନ ବଜାର ବ୍ୟବସ୍ଥା, ରହଣୀ ସୁବିଧା କରିବାକୁ ଯୋଜନା ରହିଛି । ୬ ମାସ ହେଲା ଏହି କାମ ଆରମ୍ଭ ହେଲା; ହେଲେ ଏଠାରେ କିଏ ଠିକାଦାର କେହି ଦେଖି ନ ଥିବା ପ୍ରକାଶ କରିଛନ୍ତି । ନାମକୁ ମାତ୍ର କେହି ଜଣେ ପେଟି ଠିକାଦାର ଆସି ମନ୍ଦିର ଚାରିପଟେ କିଛି ଖଣ୍ଡିଆ ଖାବରା କରି ମାଟି ପଥର ଖୋଳି ରଖିଦେଇଛନ୍ତି । ନିର୍ମାଣ କାମ କିଛି ବି ଆଖି ଦୃଶିଆ ହେଉନାହିଁ । ଏହା ବରଂ ଅନ୍ୟପଟେ ଯାତ୍ରୀଙ୍କ ଗମନାଗମନରେ ବାଧା ସୃଷ୍ଟି କରୁଛି । ଯାହା ବି କିଛି କାମ ହେଉଛି ତାହା ଅତି ନିମ୍ନମାନର ହେଉଥିବାବେଳେ ଏଭଳି ଯଦି ଧୀମେଇ କାମ ଚାଲେ କେତେବେଳେ ପାଣ୍ଠି ଫେରିଯିବାର ଆଶଙ୍କା କରୁଛନ୍ତି କମିଟି ସଦସ୍ୟମାନେ । ତେଣୁ ଏହା ଉପରେ ତଦନ୍ତ କରି ଠିକାଦାର ନିଯୁକ୍ତି ସହ କାମର ସମୀକ୍ଷା କରି ତୁରନ୍ତ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଦାବି ରଖିଛନ୍ତି । ଜିଲ୍ଲାପାଳ ମନ୍ଦିର ଗସ୍ତ କରି ଏହାର ସମୀକ୍ଷା କରିବା ସହ କାର୍ଯ୍ୟାନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

# ତିନିଚକିଆ ଅଟୋର ଭ୍ରମ ସୃଷ୍ଟି କରୁଛି ଦୁଇଚକିଆ ମୋଟରସାଇକଲ

- ବାଂଲାଦେଶୀ ଅନୁପ୍ରବେଶକାରୀ ବ୍ୟବସାୟରେ ବ୍ୟବହାର କରୁଛନ୍ତି

କେସିଙ୍ଗା, ୧୮ ।୬(ସମିସ): ସାରା ଜିଲ୍ଲାରେ ଦିନକୁ ଦିନ ବଢ଼ି ଚାଲିଛି ବାଂଲା ଅନୁପ୍ରବେଶ କାରୀଙ୍କ ସଂଖ୍ୟା । ଜିଲ୍ଲାର କେସିଙ୍ଗା ସହରରେ ମଧ୍ୟ ଏମାନଙ୍କ ସଂଖ୍ୟା କମ ନୁହେଁ ସହରରେ ସମସ୍ତ ୧୨ ଗୋଟି ୱାର୍ଡରେ ରହିଛି ଏମାନଙ୍କର ସ୍ଥାୟୀ ଠିକଣା । ସମସ୍ତଙ୍କ ପାଖରେ ରହିଛି ବିଭିନ୍ନ ରାଜ୍ୟର ନମ୍ବର୍ ପ୍ଲେଟ ଥିବା ଓ ନ ଥିବା ମୋଟର ସାଇକଲ । ପୁଣି ସମସ୍ତ ମୋଟର ସାଇକଲକୁ ଲୁହା ଛଡ଼ ବ୍ୟବହାର କରି ୬ ରୁ ୭ ଫୁଟ ପର୍ଯ୍ୟନ୍ତ ଓସାରିଆ କରିଛନ୍ତି । ଅନେକ ସମୟରେ



ଦୁର୍ଘଟଣା ଘଟିବାର ନଜିର ମଧ୍ୟ ରହିଛି । ମୋଟର ସାଇକଲକୁ ଓସାରିଆ କରି ତିଆରି କରିଥିବାରୁ ତାହା ଅଟୋ ରିକ୍ସା ପରି ଭ୍ରମ ସୃଷ୍ଟି କରୁଛି । ସୂଚନା ଅନୁଯାୟୀ ସମସ୍ତଙ୍କ ପାଖରେ ମୋଟର ସାଇକଲ ଅଛି । ହେଲେ ସେମାନଙ୍କ ମଧ୍ୟରୁ ୯୫ ପ୍ରତିଶତଙ୍କ ପାଖରେ ଡ୍ରାଇଭିଂ ଲାଇସେନ୍ସ, ଗାଡ଼ିର କାଗଜପତ୍ର ନା ଅଛି ଗାଡ଼ିର ଇନସ୍ୟୁରାନ୍ସ । ତଥାପି ଅନୁପ୍ରବେଶକାରୀମାନେ ବେଧଡକ ରାଜରାସ୍ତାରେ ମୋଟର ସାଇକଲ ଚଳାଇ ବେପାର କରୁଛନ୍ତି । ସେମାନେ କାହାର ଛତ୍ରଛାୟା ତଳେ ରହି ବିନା କାଗଜପତ୍ରରେ ସହରରେ ଓ ସହରର ଆଖପାଖ ଅଞ୍ଚଳରେ ବେପାର କରୁଛନ୍ତି ତାହା ନିହାତି ପକ୍ଷେ ତଦନ୍ତ ସାପେକ୍ଷ । ଏହି ଅନୁପ୍ରବେଶ କାରୀଙ୍କ ଯୋଗୁଁ ସ୍ଥାନୀୟ ବେପାରୀ ଓ ଛୋଟ ଦୋକାନୀମାନେ ବହୁତ କ୍ଷତି ସହୁଛନ୍ତି । ଏହି ବାଂଲାଦେଶୀଙ୍କୁ ଘର ଭଡା ଦେଉଥିବା ମାଲିକମାନେ ମଧ୍ୟ କିଛି ପଇସା ପାଇଁ ତାଙ୍କର ପରିଚୟ ରଖୁ ନ ଥିବା ଖବର ମିଳିଛି । ଯଦି କେବେ କୌଣସି ଅଘଟଣ ଘଟେ ତାହାହେଲେ ଦାୟୀ ରହିବ କିଏ, ସମ୍ପୃକ୍ତ ଘର ମାଲିକ ନା ପ୍ରଶାସନ? ଅତି ଶୀଘ୍ର ବାଂଲା ଅନୁପ୍ରବେଶକାରୀଙ୍କ ପରିଚୟ ସନ୍ଧାନ କରି ସହରରେ କେତେ ଅନୁପ୍ରବେଶକାରୀ ରହୁଛନ୍ତି ଓ କେତେ ଜଣଙ୍କ ପାଖରେ ମୋଟରସାଇକଲ ଅଛି ଓ ସେମାନେ ତାହାକୁ ଓସାରିଆ କରି ବେଧଡକ ବେପାର କରୁଛନ୍ତି ତାହା ତଦନ୍ତ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# କୌଣସି ରୋଗୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେବେନାହିଁ: ସାଂସଦ

ଭବାନୀପାଟଣା, ୧୮ ।୬(ସମିସ): ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ନବ ନିର୍ବାଚିତ ସାଂସଦ ମାଳବିକା କେଶରୀ ଦେଓ ଆସି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଛନ୍ତି । ବିଶେଷକରି ଡାକ୍ତର ଓ ନର୍ସମାନଙ୍କ ଅଭାବପୂରଣ ଓ ନିର୍ମାଣାଧୀନ ୧୦୦ ଶଯ୍ୟା ବିଶିଷ୍ଟ କୋଠା ଯେମିତି ଶୀଘ୍ର ସମ୍ପୂର୍ଣ୍ଣ ହେବ ସେ ଦିଗରେ ଗୁରୁତ୍ୱର ସହିତ ଚେଷ୍ଟା କରିବି ବୋଲି କହିଛନ୍ତି । କୌଣସି ରୋଗୀ ଚିକିତ୍ସା ସେବାରୁ ଯେପରି ବଞ୍ଚିତ ନ ହେବେ ସେଥି ପ୍ରତି ଧ୍ୟାନ ଦେବାକୁ ସାଂସଦ ପରାମର୍ଶ ଦେଇଛନ୍ତି । କଳାହାଣ୍ଡିବାସୀଙ୍କ ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଦୂର କରିବା ସହିତ ଆଧୁନିକ ପ୍ରଣାଳୀରେ ଚିକିତ୍ସା ସେବା ଯୋଗାଇବା ଦୃଷ୍ଟିରୁ ନବୀନ ସରକାର ଜିଲ୍ଲାରେ ରେଣ୍ଡୋ ମାଝୀ ମେଡ଼ିକାଲ କଲେଜ ପ୍ରତିଷ୍ଠା କରି ରେକର୍ଡ ସୃଷ୍ଟି କରିଛନ୍ତି । ଆଜି ୧୦୦ ସିଟ ବିଶିଷ୍ଟ ମେଡ଼ିକାଲ କଲେଜରେ ଛାତ୍ର ଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି । ଅନ୍ୟପଟେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ମଧ୍ୟ ରୂପାନ୍ତରିତ କରାଯାଇ ରୋଗୀସେବାକୁ ପ୍ରାଥମିକତା ଦିଆଯାଇଛି । କଳାହାଣ୍ଡି ଜିଲ୍ଲାର ବିଭିନ୍ନ ବ୍ଲକ ଅଞ୍ଚଳ ତଥା ଦୂରଦୂରାନ୍ତରୁ ଆସୁଥିବା ରୋଗୀମାନେ ଭବାନୀପାଟଣା ଜିଲ୍ଲା ହସ୍ପିଟାଲ ଉପରେ ନିର୍ଭର କରିଥାନ୍ତି । ଏପରିକି ଛତିଶଗଡ଼ରୁ ଅନେକ ସମୟରେ ଗୁରୁତର ରୋଗୀମାନେ ଆସି ଉତ୍ତମ ସ୍ୱାସ୍ଥ୍ୟସେବା ପାଇ ସୁସ୍ଥ ହେବାପରେ ଫେରୁଥିବା ନଜିର ରହିଛି । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋଗୀମାନେ ଅନେକ ସୁବିଧା ଉପଲବ୍ଧ କରୁଛନ୍ତି । ଆଉ ଯାହା ବି ଅସୁବିଧା ରହିଛି ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହଯୋଗରେ ପୂରଣ କରିବାକୁ ଚେଷ୍ଟା କରିବି



ବୋଲି ମାଳବିକା ଦେବୀ ପ୍ରକାଶ କରିଛନ୍ତି । ଏଯାବତ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ମଞ୍ଜୁରୀପ୍ରାପ୍ତ ଡାକ୍ତର ସଂଖ୍ୟା ୧୪୫ ଜଣଙ୍କ ମଧ୍ୟରୁ ଅଛନ୍ତି ମାତ୍ର ୪୩ଜଣ । ସେହିପରି ନର୍ସ କଥା ଦେଖିଲେ ୧୯ ୯ ଜଣଙ୍କ ସ୍ଥାନରେ ଅଛନ୍ତି ୧୦୮ ଜଣ । କିନ୍ତୁ ଏହି ୧୦୮ ମଧ୍ୟରୁ ରେଣ୍ଡୋ ମାଝୀ ମେଡ଼ିକାଲର ନିଯୁକ୍ତ ୪୪ଜଣ ନର୍ସ ଦାୟିତ୍ୱରେ ଥିବା ଜଣାଯାଇଛି । ନିର୍ମାଣାଧୀନ ୧୦୦ ଶଯ୍ୟା ବିଶିଷ୍ଟ କୋଠା ମଧ୍ୟରେ ମେଡ଼ିସିନ ୱାର୍ଡ, କ୍ୟାନସର ୱାର୍ଡ, ଆଇସିୟୁ, ଡାଇବେଟିସ, ଡେଙ୍ଗୁ, ଅର୍ଥୋପେଡ଼ିକ ରୋଗୀଙ୍କ ଚିକିତ୍ସା ପାଇଁ ୱାର୍ଡ ଏବଂ ଅଂଶୁଘାତ ପ୍ରକୋଷ୍ଠ ରହିବାର ନିଷ୍ପତ୍ତି ନିଆଯାଇଛି । ଏତତବ୍ୟତୀତ ପାନୀୟ ଜଳ ଓ ବିଦ୍ୟୁତ ସେବା ଦିଗରେ ସ୍ଥାୟୀ ବ୍ୟବସ୍ଥାର ଆବଶ୍ୟକତା ରହିଥିବା ହସ୍ପିଟାଲ କର୍ତ୍ତୃପକ୍ଷ ସାଂସଦଙ୍କ ଦୃଷ୍ଟିକୁ ନେଇଥିଲେ । ୩ଲକ୍ଷ ଲିଟର ପିଇବା ପାଣି ପାଇଁ ନିର୍ମାଣ ହେବାକୁ ଯାଉଥିବା ଟାଙ୍କିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କୁହାଯାଇଛି । ପ୍ରତିମାସରେ ମେଡ଼ିକାଲକୁ ଆସି ସମସ୍ୟା ସମ୍ପର୍କିତ ସମସ୍ତ ତଥ୍ୟ ବୁଝିବି ବୋଲି ସାଂସଦ ଜଣାଇଛନ୍ତି । ଏହି ପରିଦର୍ଶନ ବେଳେ ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ଭାରପ୍ରାପ୍ତ ସିଡିଏମଓ ଡଃ ନିହାରେନ୍ଦ୍ର ପଣ୍ଡା, ଏଡିଏମଓ ଡଃ ରଞ୍ଜନ ମିତ୍ର, ଡଃ ବାଣୀଶ୍ରୀ ପାଢ଼ୀ, ହସ୍ପିଟାଲ ମ୍ୟାନେଜର ଶୁଭ୍ରା ସାହୁ, ଅନ୍ୟତମ ମ୍ୟାନେଜର ଶୁଭାଶିଷ ନାୟକଙ୍କ ସମେତ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ଷ୍ଟାଫ୍ ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ସାଂସଦଙ୍କ ଏହି ଔପଚାରିକ ଗସ୍ତ ଆଗାମୀ ଦିନରେ କି ପ୍ରକାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିପାରୁଛି ତାହା ଦେଖିବାକୁ ରହିଲା ।

## ଗୋପବନ୍ଧୁଙ୍କ ତିରୋଧାନ ଦିବସ ପାଳିତ

ନର୍ଲା, ୧୮ ।୬(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ନର୍ଲା ଗୋପବନ୍ଧୁ ସାହିତ୍ୟ ଅନୁଷ୍ଠାନ ତରଫରୁ ପଣ୍ଡିତ ଗୋପବନ୍ଧୁଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ସଭାପତି କୁମୁଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ରାଉତ ପଣ୍ଡିତ ଗୋପବନ୍ଧୁଙ୍କ ସ୍ମୃତିରେ କବିତା ପାଠ କରି ମହାନ୍ ବ୍ୟକ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ସହ ସମ୍ପାଦକ ଅରୁଣ କୁମାର ପ୍ରଧାନୀ, ବେଣୁପାଣୀ ଗଉଡ ପ୍ରମୁଖ ଉପସ୍ଥିତ ଥିଲେ ।



## ସିନାପାଲିରେ ଯୋଗ ଦିବସ ପାଳନ ପାଇଁ ପ୍ରସ୍ତୁତି

ସିନାପାଲି, ୧୮ ।୬ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲିରେ ତହସିଲସ୍ତରୀୟ ବିଶ୍ୱ ଯୋଗ ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଗାୟତ୍ରୀ ଶକ୍ତି ପୀଠ ପରିସରରେ ଅନୁଷ୍ଠିତ ହୋଇଛି । ପତଞ୍ଜଳି ଯୋଗ ସମିତିର ତହସିଲ ପ୍ରଭାରୀ ହୃଷିକେଶ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଆଗାମୀ ବିଶ୍ୱ ଯୋଗ ଦିବସର ସଫଳ ଆୟୋଜନ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା । ଯୋଗକୁ ନେଇ ସଚେତନତା ସୃଷ୍ଟି କରାଯିବା ସହ ଅଞ୍ଚଳର ସମସ୍ତ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ପ୍ରାରମ୍ଭରେ ଯୋଗ ସମିତିର ସମ୍ପାଦକ ନବୀନ ଚନ୍ଦ୍ର ମେହେର ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଗାୟତ୍ରୀ ଶକ୍ତି ପୀଠର ଉପସଭାପତି ତରୁଣ ମେହେର, ସମ୍ପାଦକ ତ୍ରିନାଥ ମେହେର, ସୁବ୍ରତ ଠାକୁର, ପୂର୍ଣ୍ଣଚନ୍ଦ୍ର ମେହେର, ଅରିଗଞ୍ଜନ ଯୋଷୀ, ଯୋଗ ଶିକ୍ଷକ ତ୍ରିନାଥ ମେହେର, ଅଜିତ ଯୋଷୀ, ବୈଷ୍ଣବ ମେହେର, ଖୁସିରାମ ମେହେର, ଶ୍ରବଣ ଯୋଷୀ, କ୍ଷୀରସିନ୍ଧୁ ମେହେର, ରାଜେଶ ଅଗ୍ରୱାଲ, ନୌକାନ୍ତ ମେହେର, ପ୍ରେମାନନ୍ଦ ମେହେର, ଦିଶା ଅଗ୍ରୱାଲ, ତ୍ରିଲୋଚନ ମେହେର, ଗଣେଶ ମେହେର, ନୃସିଂହ ମେହେର, ପିଣ୍ଟୁ ମେହେର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

# ମୁରରିବାହାଲିରେ ପ୍ରସ୍ତାବିତ କ୍ରସରକୁ ବିରୋଧ

- ଜଙ୍ଗଲ ସୁରକ୍ଷା ସକାଶେ ଅଣ୍ଟା ଭିଡ଼ିଲେ ମହିଳା
- କ୍ରସ୍‌ର ନ କରିବାକୁ ଜିଲ୍ଲାପାଳଙ୍କୁ ଭେଟି ଦାବି
- ଜଙ୍ଗଲରେ ଦେବୀ ପୂଜା କରୁଛନ୍ତି ଗ୍ରାମବାସୀ

ନୂଆପଡ଼ା, ୧୮ ।୬(ସମିସ): ଜଙ୍ଗଲ ତଳି ଅଞ୍ଚଳରେ ମାଳ ମାଳ କ୍ରସର ୟୁନିଟ୍ ଖୋଲୁଛି । କ୍ରସର ମାଲିକମାନେ ସମୟକ୍ରମେ ଜଙ୍ଗଲ ଉପରେ ନଜର ପକାଉଛନ୍ତି । ପଥର କାଟିବାକୁ ଯାଇ ଜଙ୍ଗଲ ନଷ୍ଟ କରିବାରେ ଲାଗିଛନ୍ତି । ଜିଲ୍ଲା ସଦର ମହକୁମାରୁ ୧୭/୧୮ କିମି ଦୂର ମୁରରିବାହାଲି ଗାଁରେ ଏକ କ୍ରସର ସ୍ଥାପନ ଲାଗି ଯୋଜନା ଚାଲିଛି । ଏହା ହେଲେ କ୍ରସର ମାଲିକ ଜଙ୍ଗଲ ନଷ୍ଟ କରିବେ । ଏଣେ ଜଙ୍ଗଲ ନଷ୍ଟକୁ ରୋକିବାକୁ ସ୍ଥାନୀୟ ମହିଳା ଅଣ୍ଟା ଭିଡିଛନ୍ତି । ଘରୁ ପାଦ କାଢ଼ି ନୂଆପଡ଼ା ଆସି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ମୁରରିବାହାଲିର ଡୁମେରପଡ଼ା ଗାଁରେ ୨୦/୨୫ପରିବାର ଲୋକ ବସତି କରି ରହୁଛନ୍ତି । ଏମାନେ ଜଙ୍ଗଲ ତଳି ଅଞ୍ଚଳରେ ରହି ଆଜିକୁ ବହୁ ବର୍ଷ ଧରି ଜଙ୍ଗଲର ସୁରକ୍ଷା କରିବା ସହ ନୂତନ



ଜଙ୍ଗଲ ସୃଷ୍ଟି ପାଇଁ ସବୁବେଳେ କାମ କରିଆସିଛନ୍ତି । ଗ୍ରାମବାସୀଙ୍କ କହିବାନୁଯାୟୀ ଜଙ୍ଗଲର ଗଛଗୁଡିକୁ ନିଜର ପିଲା ଛୁଆଙ୍କ ଭଳି ଲାଳନ ପାଳନ କରିଆସୁଛନ୍ତି । ତେଣୁ ଏହା ଉପରେ କାହାରି ଲୋଲୁପ ଦୃଷ୍ଟିକୁ ଗ୍ରାମବାସୀ ସହଜରେ ସହ୍ୟ କରିପାରନ୍ତି ନାହିଁ । ଏହି ଜଙ୍ଗଲ ଭିତରେ ଗ୍ରାମବାସୀଙ୍କ ଅଧିଷ୍ଠାତ୍ରୀ ଦେବୀ ବୁଢାଦେଓ, ଭିମା, କସରୁପଲେନ ଦେବୀଙ୍କୁ ପୂଜା କରି ଆସୁଛନ୍ତି । ଏହି ଜଙ୍ଗଲକୁ ଦେବାଦେବୀଙ୍କ ସ୍ଥଳ ବୋଲି ମାନିଥାନ୍ତି । ଖଡ଼ିଆଳରାଉର ଜଣେ ବ୍ୟବସାୟୀ ଏଠାରେ ଏକ କ୍ରସର ୟୁନିଟ୍ କରିବାକୁ ଯୋଜନା ଚଳାଇଛନ୍ତି । ଏହା ହେଲେ ଜଙ୍ଗଲ ନଷ୍ଟ ହେବ । କ୍ରସର ୟୁନିଟରେ ବିଭିନ୍ନ ସମୟରେ ବିସ୍ଫୋରଣ କରାଯିବ । ଗ୍ରାମବାସୀଙ୍କ ଜୀବନ ଜୀବିକାରେ ବାଧା ସୃଷ୍ଟି ହେବ । ତେଣୁ ଏହାକୁ ବେଳହୁଁ ଲଗାମ ଲଗା ନ ଯାଏଁ ତେବେ ଏହା ସେମାନଙ୍କୁ ପାଇଁ ସମସ୍ୟା ଆଣିଦେବ । ତେଣୁ ଗ୍ରାମର ମହିଳାମାନେ ଏକ ବୈଠକ କରି ମଙ୍ଗଳବାର ନୂଆପଡ଼ା ଆସି ଜିଲ୍ଲାପାଳ ହେମକାନ୍ତ ସୟଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି । ଏଠାରେ କ୍ରସର ସ୍ଥାପନ ନ ହେଲେ ଭଲ । ଯଦି ବି କରାଯାଉଛି ତେବେ ଜଙ୍ଗଲ ଯେଭଳି ନଷ୍ଟ ନ ହୁଏ ସେ ଉପରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ବୋଲି ଜିଲ୍ଲାପାଳଙ୍କୁ କହିଛନ୍ତି । ଜାନକୀ ଭୋଇ, ଚନ୍ଦ୍ରାବତୀ ମାଝୀ, ରାଧିକା ମାଝୀ, ଯଶୋବନ୍ତି ମାଝୀ, ବାସନ୍ତୀ ମାଝୀ, ବିମଳା ମାଝୀ, ବେଲମତି ମାଝୀ, ଧନମତୀ ମାଝୀ, ଆଦିବାସୀ ସଂଘ ସଭାପତି ଭକ୍ତବନ୍ଧୁ ଧରୁଆ ଉପସ୍ଥିତ ରହି ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାପାଳ ସୟ ଏହା ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ କରିବେ ବୋଲି କହିଥିଲେ ।

# ରାତି ପାହିଲେ ଗରା, ବାଲ୍‌ଟି ଧରି ଧାଡ଼ି



ସିନାପାଲି, ୧୮ ।୬(ସମିସ): ସିନାପାଲି ବ୍ଲକ ଖରସେଲ ପଞ୍ଚାୟତ ରେବଡ଼ିରେ ଉତ୍କଟ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ସପ୍ତାହେ ହେଲା ଲୋକେ ପାନୀୟଜଳ ପାଇଁ ଡହଳ ବିକଳ ହେଉଛନ୍ତି । ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଗାଁରେ ଥିବା ପୋଖରୀ ସବୁ ଶୁଖିଲା ପଡ଼ିଛି । ଅନ୍ୟପକ୍ଷେ ଏହି ଗାଁରେ ବସୁଧା ଯୋଜନା ଫେଲ୍ ମାରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ପ୍ରାୟ ଏକ ସପ୍ତାହରୁ ଅଧିକା ହେଲା ରେବଡ଼ି ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ହୋଇପଡ଼ିଛି । ଏଣୁ ଲେକେ ପାଣି ମୁନ୍ଦେ ପାଇଁ କଲବଲ ହେଉଛନ୍ତି । ଗ୍ରାମରେ ଥିବା ୨ଟି ନଳକୂପ ଉପରେ ଲୋକଙ୍କୁ ଭରସା କରିବାକୁ ପଡୁଛି । ତେବେ ନଳକୂପରୁ ଯଥେଷ୍ଟ ପରିମାଣର ପାଣି ମିଳୁନି । ଏଣୁ ଘଣ୍ଟା ଘଣ୍ଟା ଧରି ଗାଁର ମହିଳାମାନଙ୍କୁ ନଳକୂପ ନିକଟରେ ସକାଳ ହେଲେ ଧାଡ଼ିରେ ଅପେକ୍ଷା କରିବାକୁ ପଡୁଛି । ନଳକୂପରୁ ସଂଗ୍ରହ ପାଣିରୁ ହିଁ ଲୋକେ ରୋଷେଇବାସ କରିବା ସହ ସ୍ନାନ ଶୌଚ କରୁଛନ୍ତି । ପାନୀୟ ଜଳର ସୁବିଧା ପାଇଁ ସ୍ଥାନୀୟ ସ୍କୁଲ ନିକଟରେ ୫୦ ହଜାର ଲିଟର ବିଶିଷ୍ଟ ଏକ ଓଭର ହେଡ୍ ଟ୍ୟାଙ୍କ ନିର୍ମାଣ କରାଯାଇଛି । ଏହି ଟ୍ୟାଙ୍କରୁ ପାନୀୟଜଳ ଯୋଗାଣ ହେଉଛି; କିନ୍ତୁ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ଅବହେଳା ତଥା ଆନ୍ତରିକତାର ଅଭାବ ଯୋଗୁଁ ଲୋକେ ଠିକ୍ ଭାବେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି । ବାରମ୍ବାର ଅଭିଯୋଗ କରାଯାଉଥିଲେ ବି କେହି କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ବିଭାଗୀୟ ଯନ୍ତ୍ରୀ କେଶବ ସାହୁଙ୍କୁ ଫୋନ୍ ମାଧ୍ୟମରେ ଯୋଗାଯୋଗ ସମ୍ଭବ ନ ହେବାରୁ ପ୍ରତିକ୍ରିୟା ମିଳିପାରି ନାହିଁ । ଏ ନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପାନୀୟଜଳ ଯୋଗଣର ସ୍ଥାୟୀ ସମାଧାନ କରିବା ପାଇଁ ସ୍ଥାନୀୟ ମହିଳା ଧନମତି ହଂସ, କୁନ୍ତୀ ହଂସ, ବାସମତୀ ହଂସ, ଭାନୁମତୀ ହଂସ, ତରୁଣୀ ହଂସ, ପାର୍ବତୀ ହଂସ, ସୁବର୍ଣ୍ଣ ହଂସ, ଯମୁନା ହଂସ, ସାବିତ୍ରୀ ହଂସ, ହାରାବତୀ ହଂସ, ଅଷ୍ଟମୀ ମାଝୀ, ଗମେ ମାଝୀ, ସୁପେ ହଂସ, ମାଛ ହଂସ, ମିଲକୀ ହଂସ ପ୍ରମୁଖ ଦାବି କରିଛନ୍ତି ।

- ରେବଡ଼ିରେ ବସୁଧା ଯୋଜନା ଫେଲ୍
- ସପ୍ତାହେ ହେଲା ପାନୀୟ ଜଳ ଯୋଗାଣ ବନ୍ଦ
- ପାଣି ମୁନ୍ଦେ ଲାଗି ଡହଳବିକଳ ଲୋକେ
- ନଳକୂପ ଭରସାରେ ଗ୍ରାମବାସୀ
- ଶୁଖିଲା ପଡ଼ିଛି ଗାଁ ପୋଖରୀ

# ଭାଲୁ ଆକ୍ରମଣରେ ଦମ୍ପତି ଗୁରୁତର




**ରାଉରକେଲା, ୧୮ ।୬(ସମିସ):** କେ. ବଲାଙ୍ଗ ଥାନା ତଥା କୋଇଡ଼ା ବ୍ଲକ ଅନ୍ତର୍ଗତ ରେଲହାତୁ ପଞ୍ଚାୟତ ବି.ଝାରବେଡ଼ା ଗ୍ରାମ ନିକଟସ୍ଥ ଜଙ୍ଗଲରେ ମଙ୍ଗଳବାର ୨ଟି ଜଙ୍ଗଲି ଭାଲୁ ଆକ୍ରମଣରେ ଦମ୍ପତି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ବି.ଝାରବେଡ଼ା ଗ୍ରାମର ମନୋ ମୁଣ୍ଡା (୩୦) ଓ ତାଙ୍କ ସ୍ତ୍ରୀ ବେଲ ମୁଣ୍ଡା (୨୬) । ଉଭୟଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ମନୋ ଓ ବେଲ ଜଙ୍ଗଲକୁ ଦାନ୍ତକାଠି ସଂଗ୍ରହ କରିବା ପାଇଁ ଯାଇଥିଲେ। ଉଭୟ ଦାନ୍ତକାଠି ଓ ପତ୍ର ସଂଗ୍ରହ କରୁଥିବା ବେଳେ ହଠାତ୍ ଦୁଇଟି ଭାଲୁ ଆସି ସେମାନଙ୍କୁ ଆକ୍ରମଣ କରିଥିଲେ। ମନୋଙ୍କ ମୁଣ୍ଡ, ବାମ ଆଖିପାଖ, ଛାତି, ବାମ ହାତ, ଡାହାଣ ହାତକୁ ନଖ ମୁନରେ ବିଦାରି ଦେଇଥିଲେ। ସେହିଭଳି ବେଲଙ୍କ ଦୁଇ ହାତକୁ ବିଦାରି ରକ୍ତାକ୍ତ କରିଥିଲେ। ଜୀବନ ବିକଳରେ ମନୋ ଓ ବେଲ ଚିତ୍କାର କରିବାରୁ ସ୍ଥାନୀୟ କିଛି ଲୋକ ସେଠାରେ ପହଞ୍ଚି ଭାଲୁ ୨ଟିଙ୍କୁ ଘଉଡ଼ାଇବା ସହ ଉଭୟଙ୍କୁ ଉଦ୍ଧାର କରି ଲହୁଣୀପଡ଼ା ଡାକ୍ତରଖାନା ପଠାଇଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଉଭୟଙ୍କଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

## ୩୩ କେଭି ବିଦ୍ୟୁତ୍ ଟାୱାର ଭାଙ୍ଗିବା ଘଟଣାକୁ ୭୨ ଘଣ୍ଟା ବିତିଲା

# ଏବେ ବି ଅନ୍ଧାରରେ ବଣାଇଁ ଉପଖଣ୍ଡର ୧୨ ଗାଁ

**ରାଉରକେଲା, ୧୮ ।୬(ସମିସ)**

ଶନିବାର ସନ୍ଧ୍ୟାରେ କାଳବୈଶାଖୀ ଯୋଗୁଁ ବଣାଇଁ ସବ-ଡିଭିଜନ ଅନ୍ତର୍ଗତ ବାରକୋଟଠାରୁ ମହୁଲଡିହା ମଧ୍ୟରେ ବଲଣ୍ଡା ନିକଟରେ ବ୍ରାହ୍ମଣୀ ନଦୀରେ ୩୩ କେଭି ବିଦ୍ୟୁତ୍ ଟାୱାର ଭାଙ୍ଗି ଧରାଶାୟୀ ହୋଇଯିବାରୁ ଗତ ୭୨ ଘଣ୍ଟା ଧରି ବଣାଇଁ ଉପଖଣ୍ଡର ୧୨ ଗାଁ ଅନ୍ଧାରରେ ରହିଛି। ଏହାର ପ୍ରତିବାଦରେ ଉତ୍ୟକ୍ତ ଗ୍ରାମବାସୀ ସୋମବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ବଣାଇଁ ଉପଜିଲ୍ଲାପାଳଙ୍କ ବାସଭବନ ସମ୍ମୁଖରେ ବସି ରହିବା ସହ ଟିପିଡବ୍ଲ୍ୟୁଓଡିଏଲ ଦ୍ୱାରା ନିୟୋଜିତ ଏଜେନ୍ସି କର୍ମଚାରୀଙ୍କୁ ଆକ୍ରମଣ କରିଥିବା ସୂଚନା ମିଳିଛି।

**● ମହୁଲଡିହା ସେକ୍ସନ ଅନ୍ତର୍ଗତ ୧୧ ପଞ୍ଚାୟତକୁ ବିକଳ୍ପ ବିଦ୍ୟୁତ ବ୍ୟବସ୍ଥା: ଟିପିଡବ୍ଲ୍ୟୁଓଡିଏଲ୍**

ସେପଟେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଶନିବାର ମଧ୍ୟରାତ୍ରରୁ ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ମହୁଲଡିହା ସେକ୍ସନ ଅନ୍ତର୍ଗତ ୧୧ ପଞ୍ଚାୟତକୁ ବିକଳ୍ପ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା କରାଯାଇଥିବା ବିତରଣକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି।

ଜୁନ ୧୫ ତାରିଖ ଶନିବାର ସନ୍ଧ୍ୟାରେ ବଣାଇଁ ବାରକୋଟ ଅଞ୍ଚଳରେ ପ୍ରବଳ ଝଡ଼ବତାସ ହୋଇଥିଲା। ଏହାର ପ୍ରଭାବରେ ରାଉରକେଲା ବିଦ୍ୟୁତ୍ ମଣ୍ଡଳର ବଣାଇଁ ସବ-ଡିଭିଜନ ଅନ୍ତର୍ଗତ ବାରକୋଟଠାରୁ ମହୁଲଡିହା ମଧ୍ୟରେ ବଲଣ୍ଡା ଗାଁ ନିକଟ ବ୍ରାହ୍ମଣୀ ନଦୀ ଉପର ଦେଇ ଯାଇଥିବା ଏକ ୩୩ କେଭି ବିଦ୍ୟୁତ୍ ଟାୱାର୍ ଭାଙ୍ଗିପଡ଼ିବା ସହ ବିଦ୍ୟୁତ ତାର ସବୁ ନଦୀ ଗର୍ଭରେ ପଡ଼ିଯାଇଥିଲା। ଫଳରେ ବଣାଇଁ ସବ-ଡିଭିଜନର ମହୁଲଡିହା ପାୱାର ସବଷ୍ଟେସନକୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିଲା। ଏହି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ମହୁଲଡିହା ପାୱାର ସବଷ୍ଟେସନର ସମସ୍ତ ଫିଡର୍ ଲାଇନ୍ ବନ୍ଦ ହୋଇଯିବା ହେତୁ ଶନିବାର ସନ୍ଧ୍ୟା ୭ଟାରୁ ବଣାଇଁ ଉପଖଣ୍ଡ ଅନ୍ତର୍ଗତ ମହୁଲଡିହା, ସିହିଡିଆ, ଖୁଣ୍ଟଗାଁ, ମୁଚୁରିନାଳୀ, ବ୍ରାହ୍ମଣଗାଁ, ଜାଙ୍ଗଲା, ବଡ଼ଗାଁ, ରୁଗଡ଼ା, ଫୁଲଝର, ହଳଦୀକୁଦର, ସାନଜଲ, ବଡ଼ଜଲ ଏବଂ ଏହାର ଆଖପାଖ ଅଞ୍ଚଳରେ ବିଦ୍ୟୁତ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା।




ଦୀର୍ଘ ସମୟ ଅନ୍ଧାରରେ ରହିବା ଦ୍ୱାରା ଅତିଷ୍ଠ ହୋଇ ଗ୍ରାମବାସୀ ମହୁଲଡିହା ସେକ୍ସନ ଅଫିସକୁ ଯାଇ କନିଷ୍ଠ ଯନ୍ତ୍ରୀଙ୍କୁ ଘେରଉ କରିଥିଲେ। ଏପରିକି କିଛି ଉତ୍ୟକ୍ତ ଲୋକେ ସେପଟେ ଏହି ମରାମତି କାର୍ଯ୍ୟରେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ ନିୟୋଜିତ ଏଜେନ୍ସି କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପରେ ଉକ୍ତ ଅଞ୍ଚଳବାସୀ ସୋମବାର ରାତି ସାଢ଼େ ୧୧ଟାରେ ବଣାଇଁ ଉପଜିଲ୍ଲାପାଳଙ୍କ ବାସଭବନକୁ ଗୁହାରି କରିବାକୁ ଯାଇଥିଲେ। ମାତ୍ର ବିଳମ୍ବିତ ରାତି ହୋଇଥିବାରୁ ତାଙ୍କ ଗୁହାରି ଶୁଣିବାକୁ କେହି ଆସି ନ ଥିଲେ। ଫଳରେ ରାତି ସାଢ଼େ ୩ଟା ପର୍ଯ୍ୟନ୍ତ ସେମାନେ ବସିରହି ନିରାଶରେ ଫେରି ଯାଇଥିଲେ। ତେବେ ବିଦ୍ୟୁତ ନ ଥିବାରୁ ଅଞ୍ଚଳରେ ଏବେ ବି ଚାପା ଅସନ୍ତୋଷ ଲାଗି ରହିଛି।

ସେପଟେ ଟିପିଡବ୍ଲ୍ୟୁଓଡିଏଲ ପକ୍ଷରୁ କୁହାଯାଇଛି, ଏହି ଅଞ୍ଚଳରେ ବିଦ୍ୟୁତ୍ ସେବାକୁ ପୁନଃରୁଦ୍ଧାର କରି ସ୍ୱାଭାବିକ କରିବା ପାଇଁ କମ୍ପାନୀ ପକ୍ଷରୁ ଏକ ନୂତନ ବିଦ୍ୟୁତ୍ ଲାଇନ କାର୍ଯ୍ୟ କମ୍ପାନୀ ତା'ର ନିଜ ଖର୍ଚ୍ଚରେ ଯୁଦ୍ଧକାଳୀନ ଭିତ୍ତିରେ ଶନିବାର ମଧ୍ୟରାତ୍ରରୁ ଆରମ୍ଭ ହୋଇଛି। ବାରକୋଟରୁ ମହୁଲଡିହା ପର୍ଯ୍ୟନ୍ତ ବିଦ୍ୟୁତ୍ ତାର ଟଣାଯାଇ ବିଦ୍ୟୁତ୍ ସେବାକୁ ପୁନଃରୁଦ୍ଧାର କରାଯାଉଛି। ଏହି ପ୍ରାକୃତିକ ଦୁର୍ବିପାକ ଯୋଗୁଁ ମହୁଲଡିହା ପାୱାର ସବଷ୍ଟେସନର ସମସ୍ତ ଫିଡର୍ ଲାଇନ୍ ବନ୍ଦ ହୋଇଥିଲା। ଫଳରେ ପ୍ରାୟ ୧୧ ପଞ୍ଚାୟତର ୧୩ ହଜାର ଗ୍ରାହକଙ୍କୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଥିଲା।

ଅନ୍ୟପଟେ ପରିସ୍ଥିତକୁ ତୁରନ୍ତ ଅନୁଧ୍ୟାନ କରାଯାଇ ଟିପିଡବ୍ଲ୍ୟୁଓଡିଏଲର ଶୀର୍ଷ ପରିଚାଳକ ଏକ ନୂତନ ଟାୱାର ସ୍ଥାପନ ଏବଂ ଫିଡର୍ ଲାଇନ୍ ବିଛାଇବା ପାଇଁ ନିର୍ଦ୍ଦେଶନାମା ଜାରି କରିବା ସହ ପ୍ରାୟ ୧୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହା ଏକ ସମୟ ସାପେକ୍ଷ କାର୍ଯ୍ୟ ହୋଇଥିବା ବେଳେ ନୂତନ ଟାୱାର ସ୍ଥାପନ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଅନ୍ୟପଟେ ଟିପିଡବ୍ଲ୍ୟୁଓଡିଏଲର ସ୍ଥାନୀୟ ରକ୍ଷଣାବେକ୍ଷଣ ଦଳ ଦ୍ୱାରା ବିକଳ୍ପ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇ ଭଗ୍ନ ଟାୱାର ପାଇଁ କ୍ଷତିଗ୍ରସ୍ତ ହୋଇଥିବା ୧୧ ପଞ୍ଚାୟତର ପ୍ରାୟ ସମସ୍ତ ୧୩ ହଜାର ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଇ ସାରିଛି। ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବିଦ୍ୟୁତ୍ ଉପଭୋକ୍ତାମାନେ ସମ୍ମୁଖୀନ ହୋଇଥିବା ଅସୁବିଧା ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଦୁଃଖ ପ୍ରକାଶ କରାଯାଇଛି। କିନ୍ତୁ ଉତ୍ୟକ୍ତ ଗ୍ରାମବାସୀ ଆମର ଏଜେନ୍ସି କର୍ମଚାରୀଙ୍କୁ ଦୁର୍ବ୍ୟବହାର କରିବା ସହ ଆଇନକୁ ନିଜ ହାତକୁ ନେବା ଦୁର୍ଭାଗ୍ୟଜନକ ବୋଲି ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ କୁହାଯାଇଛି।

# ଆର୍‌ଏସ୍‌ପିରେ ସଡ଼କ ସୁରକ୍ଷା ଅଭିଯାନ



**ରାଉରକେଲା, ୧୮।୬(ସମିସ):** ଆରଏସପିର ହଟ୍ ଷ୍ଟ୍ରିପ୍ ମିଲ୍-୨ ବିଭାଗର ଶହେରୁ ଅଧିକ ଅଧିକାରୀ, କର୍ମଚାରୀ ଓ ଠିକା ଶ୍ରମିକ ମଙ୍ଗଳବାର ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣକାରୀମାନେ ସୁଦୀର୍ଘ ମାନବଶୃଙ୍ଖଳ ଗଠନ କରି ସଡ଼କ ସୁରକ୍ଷା ନେଇ ସଚେତନ କରିଥିଲେ। ଏହି ଅଭିଯାନକୁ ମେକାନିକାଲ ବିଭାଗର ଜିଏମ ରଞ୍ଜିତ କୁଜୁର ଏବଂ ବିଭାଗର ଅନ୍ୟ ଅଧିକାରୀମାନେ ପରିଚାଳନା କରିଥିଲେ। ଏହି ଅଭିଯାନରେ ନିରାପଦ ଗାଡ଼ିଚାଳନା ସହ ନିର୍ଦ୍ଧାରିତ ଗତି ସୀମା, ରେଡ୍ ଲାଇଟ୍ ଉଲ୍ଲଙ୍ଘନ ନ କରିବା ଏବଂ ହେଲମେଟ୍ ଭଳି ସୁରକ୍ଷା ଉପକରଣ ବ୍ୟବହାର ସମ୍ବନ୍ଧୀୟ ଦିଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏ ସମ୍ବନ୍ଧୀୟ ସଚେତନତା ବାର୍ତ୍ତା, ସ୍ଲୋଗାନ ସହ ପ୍ଲାକାର୍ଡ ଏବଂ ବ୍ୟାନର ପ୍ରଦର୍ଶିତ ହୋଇଥିଲା। ସୁରକ୍ଷା ଅଭ୍ୟାସକୁ ମଜବୁତ କରିବା ଏବଂ ସଂଗଠନ ମଧ୍ୟରେ ଏକ ଦୃଢ଼ ସୁରକ୍ଷା ସଂସ୍କୃତି ପ୍ରତିପାଦନ କରିବା ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ଥିଲା। ଅଭିଯାନକୁ ଏଚଏସଏମ-୨ ବିଭାଗ ଡିଜିଏମ ସଡ଼କ ସୁରକ୍ଷାର କ୍ୟାପଟେନ୍ ସନ୍ନ୍ୟାସୀ ଚରଣ ସାହୁ, ଏଜିଏମ ତଥା ଡିଏସଓ ଚନ୍ଦ୍ରହାସ, ଏଚଏସଏମ-୨ ବିଭାଗ ଏଜିଏମ୍ ଏବଂ ଡିଏସଓ ତଥା ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଡେପୁଟି ମ୍ୟାନେଜର ଚିନ୍ମୟ ସାବତ ସଂଯୋଜନା କରିଥିଲେ।

# ଆର୍‌ଏସ୍‌ପିର ବରସୁଆଁ ଲୌହଖଣି ପାଇଁ ଜଟିଳ ଯନ୍ତ୍ରୋପକରଣ ପ୍ରସ୍ତୁତି

**ରାଉରକେଲା, ୧୮।୬(ସମିସ):** ରାଉରକେଲା ଇସ୍ପାତ କାରଖାନାର ହେଭି ମେଣ୍ଟେନାନ୍ସ (ଇଲେକ୍ଟ୍ରିକାଲ୍) ବିଭାଗ ପ୍ରାଥମିକତା ଭିତ୍ତିରେ ବରସୁଆଁ ଲୌହଖଣି ଉପତ୍ୟକାସ୍ଥିତ ପ୍ଲାଣ୍ଟ ପାଇଁ କନଭେୟର ମୋଟର ୪୨-ଏ ଏବଂ ୪୩-ଏ ନିମନ୍ତେ ଦୁଇଟି ବିଶିଷ୍ଟ ବୈଦ୍ୟୁତିକ ପ୍ୟାନେଲ୍ ପ୍ରସ୍ତୁତ କରିଛି। ଆରଏସପିର ଭାରୀ ବୈଦ୍ୟୁତିକ ଯନ୍ତ୍ରଗୁଡ଼ିକର ଯାନ୍ତ୍ରିକ ଦିଗ ତଥା ଇଓଟି କ୍ରେନଗୁଡ଼ିକର ବୈଦ୍ୟୁତିକ ଆବଶ୍ୟକତା ସମେତ ବିଭିନ୍ନ ବୈଦ୍ୟୁତିକ ବ୍ୟବସ୍ଥାର ରକ୍ଷଣାବେକ୍ଷଣ ହେଭି ମେଣ୍ଟେନାନ୍ସ (ଇଲେକ୍ଟ୍ରିକାଲ୍) ବିଭାଗ ପୂରଣ କରିଥାଏ। ବିଭିନ୍ନ ବିଭାଗରୁ ବୈଦ୍ୟୁତିକ ଉପାଦାନ ସଂଗ୍ରହ ସହ ସେଗୁଡ଼ିକୁ ଏକତ୍ର କରି ସ୍ଥାପନ ଏବଂ ସଂଯୋଗ କରିବା ସହିତ ନିଜସ୍ୱ ଉତ୍ସଗୁଡ଼ିକର ଉପଯୋଗ ପୂର୍ବକ ପ୍ୟାନେଲ୍‌ର ଫେବ୍ରିକେସନ, ୱାୟରିଂ ଏବଂ ପରୀକ୍ଷଣ ବିଆଇଏମଠାରୁ ବରାଦ ପ୍ରାପ୍ତିଠାରୁ ୨୪ ଘଣ୍ଟା ମଧ୍ୟରେ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟ ଯଇଲେକ୍ଟ୍ରିକାଲ୍ ଆଣ୍ଡ ପାୱାର୍ ବିଭାଗ ସିଜିଏମ ଇନ ଚାର୍ଜ ବି ସୁନୀଲ କାର୍ଥା ଏବଂ ଏଚଏମ (ଇ) ଏବଂ ଆରଏସ (ଇ) ବିଭାଗ ଜିଏମ ଇନ ଚାର୍ଜ ଏସ୍‌କେ ପୋଲାକିଙ୍କ ମାର୍ଗଦର୍ଶନରେ ସମ୍ପାଦିତ ହୋଇଥିଲା।




# ବଣାଇଁରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଉତ୍ସବ



**ବଣାଇଁ, ୧୮ ।୬(ସମିସ):** ବଣାଇଁ ବ୍ଲକ କାର୍ଯ୍ୟାଳୟ ଓସ୍ୱାନ୍ ହଲ୍‌ରେ ବ୍ଲକସ୍ତରୀୟ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ବ୍ଲକର ୫୭୨୭ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଅନ୍ତର୍ଗତ ୧୭ତମ କିସ୍ତି ବ୍ୟାଙ୍କ ଟ୍ରାନ୍ସଫର ଜରିଆରେ ହସ୍ତାନ୍ତର ହୋଇଛି। ଉତ୍ତରପ୍ରଦେଶରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା।

ଏହି କିଷାନ ସମ୍ମାନ ଉତ୍ସବ କାର୍ଯ୍ୟକ୍ରମରେ ବଣାଇଁ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିସାନ, ବଣାଇଁ ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ବ୍ଲକ କୃଷି ଅଧିକାରୀ ଦୁଃଖିନୀ ବିଶି, ସହକାରୀ କୃଷି ଅଧିକାରୀ ଶାଳିନୀ ମହାନ୍ତି, କୃଷି ବିଭାଗ ଓଭରସିୟର ନବୀନ ଚନ୍ଦ୍ର ସାହୁ, କୃଷକ ମୋର୍ଚ୍ଚାର ଜନ ପ୍ରତିନିଧି ହେମନ୍ତ କୁମାର ସାହୁ, ଦିବ୍ୟ ମଞ୍ଜରୀ ଶେଖର ଦେଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ।

## ଗରିମା ପରିବାରର 'ରଜ ରାଜକୁମାରୀ ସିଜନ-୩'

# ସ୍ୱୟଂପ୍ରଭା ଚାମ୍ପିଅନ, ପାୟଲ ପ୍ରଥମ ରନର୍ସଅପ୍




**ରାଉରକେଲା, ୧୮ ।୬(ସମିସ)**

ଗରିମା ପରିବାର ତରଫରୁ 'ରଜ ରାଜକୁମାରୀ ସିଜନ୍-୩' ରାଉରକେଲା କ୍ଲବ୍‌ରେ ଅନୁଷ୍ଠିତ ହୋଇଛି। ପରିବାରର ଅଧ୍ୟକ୍ଷା ନୀହାରିକା ବସ୍ତିଆ ଓ ସଭାପତି ମମତା ନାୟକଙ୍କ ଆବାହକତ୍ୱ ତଥା ମୋନାଲିସା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଆରଏସପି ସହର ପ୍ରଶାସନର ମୁଖ୍ୟ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁ, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ଡାକ୍ତର ସ୍ୱୟଂସ୍ତୁତୀ ପଟ୍ଟନାୟକ, ଆଇନ ମହାବିଦ୍ୟାଳୟର ଅଧ୍ୟାପିକା ଡ. ସମ୍ପାଦିକା ମହାନ୍ତି, ଚାମ୍ବର ଅଫ୍ କମର୍ସର ଉପସଭାପତି ସନ୍ତୋଷ ଅଗ୍ରୱାଲ, ସମାଜସେବୀ ଜୋୟା ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ଏହି ଅନୁଷ୍ଠାନ ସଂସ୍କୃତି ଓ ପରମ୍ପରା ପ୍ରତି ପ୍ରତିବଦ୍ଧତା ରଖି କାର୍ଯ୍ୟକ୍ରମ କରୁଥିବାରୁ ସାଧୁବାଦ ଦେଇଥିଲେ। ଡାକ୍ତର ପଟ୍ଟନାୟକ ଋତୁସ୍ରାବ ସମ୍ପର୍କରେ ସଚେତନତା ବାର୍ତ୍ତା ଦେଇଥିଲେ। ଅଧ୍ୟାପିକା ଡ. ମହାନ୍ତି ମୌଳିକ ଅଧିକାର ତଥା କର୍ତ୍ତବ୍ୟ, ତହସିଲଦାର ପ୍ରଧାନ ମହିଳାମାନଙ୍କୁ ଆର୍ଥିକ ସ୍ୱଚ୍ଛଳତା ସହ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜୋୟା ତ୍ରିପାଠୀଙ୍କୁ ଗରିମା ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା।

ସେହିପରି ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ଯଥା ପୁଚିଖେଳ, ସାତ ଶୃଙ୍ଗାର, ରଜ ରାଜକୁମାରୀ ଅଡିସନ, ପୋଡ଼ପିଠା ତଥା ଶାଢ଼ି ଭଙ୍ଗା, ଗେଣ୍ଡୁ ଫୁଲମାଳ ଗୁନ୍ଥା ଓ ତାସର ରଙ୍ଗ ମିଳନ ଆଦିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଆକର୍ଷଣ ଓଲିଉଡ୍ ଅଭିନେତା ପୁପିନ୍ଦର ଓ ଅଭିନେତ୍ରୀ ଦେବସ୍ମିତା ପଣ୍ଡା ଯୋଗଦେଇ ବିଚାରକ ଦାୟିତ୍ୱ ସହ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବ ପ୍ରତିଯୋଗିତାର ବିଚାରକ ସବିତା ବସ୍ତିଆ, ଅନୁପମା ବେହେରା, ରଶ୍ମି ପଣ୍ଡା, ଦୀପମାଳା ଲାକ୍ରା, କିରଣ ଗୁପ୍ତା, ନଳିନୀ ପଟ୍ଟନାୟକ, ପ୍ରଣତି ମହାନ୍ତିଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। ଶେଷରେ ବହୁ ପ୍ରତୀକ୍ଷିତ ରଜ ରାଜକୁମାରୀ ପ୍ରତିଯୋଗିତାରେ ସ୍ୱୟଂପ୍ରଭା ରାଉତ ବିଜୟିନୀ ହେବାସହ ସିଜନ୍-୩ର ମୁକୁଟ ହାସଲ କରିଥିଲେ। ପ୍ରଥମ ରନର୍ସଅପ୍ ପାୟଲ ସାମଲ, ଦ୍ୱିତୀୟ ରନର୍ସ ଅପ୍‌ରିୟା ଧଳ, ଶ୍ରେଷ୍ଠ ଚାର୍ମିଂ ଫେସ୍ ପ୍ରୀତିମୟୀ ପାଢ଼ୀ, ଫଟୋଜେନିକ ଭାବେ ଅଙ୍କିତା ନାୟକ, ବୁଦ୍ଧିମତ୍ତା ସୁନ୍ଦରୀ ଭାବେ ଗାୟତ୍ରୀ ଦାସ ଓ ସ୍ମାଇଲିଂ ଫେସ୍ ଭାବେ ତନୁଶ୍ରୀ ତନ୍‌ଭୀ ନାୟକ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ସଂଯୋଜକ ଭାବେ ମୁଖ୍ୟ ପୃଷ୍ଠପୋଷକ ଶଙ୍କର ଜେନା, ମୋନାଲିସା ଗୌଡ଼, ସାଧାରଣ ସମ୍ପାଦିକା ଡ. ସରିତା ମଲ୍ଲ, ପ୍ରଣତୀ ଜେନା, ସୁମିତା ମହାନ୍ତି, ରେବତୀ ବାରିକ, ଶାନ୍ତିଲତା ବାରିକ, ଲୁସି ଦାଶ, ମମତା ଦାସ, ସନ୍ତୋଷୀ ମଲ୍ଲିକ, ମୌସୁମୀ ଆଚାର୍ଯ୍ୟ, ଶର୍ମିଳା ରାଜଗୁରୁ, ଲୀନା ତ୍ରିପାଠୀ, ମୀନତି ମୋଦୀ, ରଶ୍ମି ରାଉତ, ମୀନାକ୍ଷୀ ପାଢ଼ୀ, ସସ୍ମିତା ମିଶ୍ର, ଦେବସ୍ମିତା ଶତପଥୀ, ରଶ୍ମିତା ଚୌଧୁରୀ, ତପସ୍ୱିନୀ ପାତ୍ର, ସୁନିତା ଶ୍ରୀନିବାସନ, ଶଙ୍ଖରିନା ପ୍ରଧାନ, ଶୁଭଲକ୍ଷ୍ମୀ ପାତ୍ର, ରଶ୍ମି ନାୟକ, ସବିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପୁପିନ୍ଦର ଓ ଦେବସ୍ମିତା ବିଭିନ୍ନ ପ୍ରତିଯୋଗୀଙ୍କ ସହ ମିଶି ନୃତ୍ୟ ପରିବେଷଣ କରିଥିଲେ। ସିଜନ୍-୨ର ରଜ ରାଜକୁମାରୀ ସଞ୍ଜନା ପତି, ଅନିଶା ମହାନ୍ତି ଓ ସ୍ୱପ୍ନା ରାଜହଂସ ପ୍ରମୁଖ ଉପସ୍ଥିତ ଥିଲେ। ଉପଦେଷ୍ଟା ରଶ୍ମିତ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

# ରେଳ ଧାରଣାରୁ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର

**ରାଜଗାଙ୍ଗପୁର, ୧୮ ।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ନିକଟ କାଂସବାହାଲ ରେଳ ଷ୍ଟେସନ ନିକଟ ରେଳ ଧାରଣାରୁ ଜିଆର୍‌ପି ଜଣେ ଅଜଣା ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଦୁଇଦିନ ତଳେ ୩୫ରୁ ୪୦ ବର୍ଷ ବୟସ୍କ ଯୁବକଙ୍କ ମୃତଦେହ ରେଳ ଲାଇନ ନିକଟରେ ପଡ଼ିଥିବା ଖବର ମିଳିବା ପରେ ରାଉରକେଲା ଏବଂ ରାଜଗାଙ୍ଗପୁର ଜିଆରପି କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଜାରି ରଖିଛନ୍ତି। ମୃତ ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ପିନ୍ଧିଥିବା ପ୍ୟାଣ୍ଟ ପକେଟ୍‌ରୁ ଏକ ରେଳ ଟିକଟ୍ ମିଳିଛି, ଯେଉଁଥିରେ ବଲାଙ୍ଗିରରୁ ରାଉରକେଲା ଯାତ୍ରା କରୁଥିବା ଲେଖାଯାଇଛି। ମୃତ ଯୁବକଙ୍କ ଉଚ୍ଚତା ପ୍ରାୟ ୫ ଫୁଟ ୪ ଇଞ୍ଚ। ଟ୍ରେନ୍‌ରୁ ଖସିପଡ଼ି ତାଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ ପରିଚୟ ମିଳି ନ ଥିବାରୁ ସରକାରୀ ନିୟମ ଅନୁଯାୟୀ ଶବ ବ୍ୟବଚ୍ଛେଦ କରାଯାଇ ୭୨ ଘଣ୍ଟା ପର୍ଯ୍ୟନ୍ତ ମର୍ଗ ହାଉସ୍‌ରେ ରଖାଯାଇଛି। ଏହି ସମୟ ମଧ୍ୟରେ ଦାବିଦାର ନ ଆସିଲେ ଅନ୍ତିମ ସଂସ୍କାର କରାଯିବ ବୋଲି ପୁଲିସ କହିଛି। ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।



### ଗରମ, ଗୁଳୁଗୁଳିରୁ ରକ୍ଷା ପାଇଁ ଗାଁ ରାସ୍ତା କଡ଼ରେ ବସିଥିଲେ

# ମାଡ଼ିଗଲା ବୋଲେରୋ; ୨ ମୃତ, ୪ ଗୁରୁତର

ସୁନ୍ଦରଗଡ଼, ୧୮ ।୬(ସମିସ)



ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ କିଛି ଲୋକେ ଗାଁ ରାସ୍ତା କଡ଼ରେ ବସିଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ ବୋଲେରୋ ତାଙ୍କ ଉପରେ ମାଡ଼ିଯାଇଛି। ଏଥିରେ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଘଣ୍ଟିବୁଡ଼-ଦେଉରାପଡ଼ା ରାସ୍ତାର ଘଣ୍ଟିବୁଡ଼ ସ୍କୁଲ ନିକଟ ବୁଲାଣିରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଧ୍ୟାରେ କେତେଜଣ ଲୋକ ଘଣ୍ଟିବୁଡ଼ ସ୍କୁଲ ନିକଟ ବୁଲାଣି ରାସ୍ତା କଡ଼ରେ ବସିଥିବା ବେଳେ ବୋଲେରୋ ଦଉରାପଡ଼ା ପଟୁ ଦ୍ରୁତ ଗତିରେ ଆସି ତାଙ୍କ ଉପରେ ମାଡ଼ିଯିବା ପରେ ଏକ ଗଛରେ ଧକ୍କା ହୋଇଥିଲେ। ଏଥିରେ ଗ୍ରାମର ଦେବାର ପ୍ରଧାନଙ୍କ ପୁଅ ମଙ୍ଗଳା ପ୍ରଧାନ (୩୦)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସେହିପରି ଫଗୁ କିସାନଙ୍କ ପୁଅ ବିଜୟ କିସାନ, ପୁରନ କିସାନଙ୍କ ପୁଅ କୁମର କିସାନ, ରାଜୁ କିସାନଙ୍କ ପୁଅ ଲୋଚନ କିସାନ, ବାସୁ କିସାନଙ୍କ ପୁଅ କପିଳ କିସାନ ଓ ନେପାଳ କିସାନଙ୍କ ପୁଅ ହେମନ୍ତ କିସାନ ଗୁରୁତର ଆହତ ହୋଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ଆହତମାନଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବିଜୟ କିସାନଙ୍କ ମୃତ୍ୟୁ ହୋଇଛି। ପୁଲିସ ମୃତଦେହ ଜବତ କରି ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ମର୍ଗ ହାଉସରେ ସଂରକ୍ଷିତ ରଖାଇଛି। ବୁଧବାର ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ କହିଛି। ଅନ୍ୟପଟେ ଦୁର୍ଘଟଣା ପରେ ବୋଲେରୋ ଚାଳକ ଫେରାର ହୋଇଯାଇଛନ୍ତି।

# ମରୁଭୂମି ପାଲଟିଲାଣି ଇବ୍‌ର ନଦୀସୁଗୁଡ଼ା ଘାଟ



**ସୁନ୍ଦରଗଡ଼, ୧୮ ।୬(ସମିସ):** ଇବ୍ ନଦୀର ନଦୀସୁଗୁଡ଼ା ଘାଟ ମରୁଭୂମି ପାଲଟିଥିବା ବେଳେ ଆଗାମୀ ଦିନରେ ଏହା ତଳକୁ ମଧ୍ୟ ଏପରି ମରୁଭୂମି ପାଲଟିବା ସମ୍ଭାବନା ରହିଛି। ଇବ୍ ନଦୀରୁ ଅବାଧ ବାଲି ଉଠାଣ ଯୋଗୁଁ ବନ୍ୟାଜଳ ସମାନ୍ତରାଳ ଭାବେ ପ୍ରବାହିତ ହୋଇପାରୁ ନାହିଁ। ବାଲି ଉଠାଯାଉଥିବା ନଦୀ ଶଯ୍ୟାରେ ଜଳ ସ୍ରୋତ ପ୍ରଖର ହେଉଛି। ସମାନ୍ତରାଳ ଭାବେ ବର୍ଷା ଜଳ ପ୍ରବାହିତ ହୋଇ ନ ପାରିବା କାରଣରୁ ନଦୀସୁଗୁଡ଼ା ଘାଟର ବିସ୍ତୀର୍ଣ୍ଣ ଅଞ୍ଚଳ ମରୁଭୂମି ପାଲଟିଛି। ଇବ୍ ନଦୀର ଭଷ୍ମା, କୋପସିଂହା ଏବଂ କୁଡ଼ାବଗାରେ ତିନିଟି ଜଳ ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ଏଣୁ ଏଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଉକ୍ତ ପ୍ରକଳ୍ପ ଅଞ୍ଚଳରୁ ବାଲି ଉଠାଣରେ ପୂର୍ଣ୍ଣଚ୍ଛେଦ ପଡ଼ିବ। ମାତ୍ର ଏହା ତଳକୁ ଆଉ ଜଳ ସଂରକ୍ଷଣ ପ୍ରକଳ୍ପର ଯୋଜନା ନ ଥିବାରୁ ଅବାଧ ବାଲି ଉଠାଣ ବଳବତ୍ତର ରହିବ। ବାଲି ଘାଟର ଲିଜ୍ ଦାୟିତ୍ୱ ରାଜସ୍ୱ ବିଭାଗଠାରୁ କାଢ଼ି ଖଣି ବିଭାଗକୁ ଦିଆଯିବା ପରେ ବେଧଡ଼କ ବାଲି ଉଠାଣ ଚାଲିଛି। ବୈଧଠାରୁ ଅବୈଧ ବାଲି ଉଠାଣ ବଳିପଡ଼ିଛି। ଫଳରେ ନଦୀସୁଗୁଡ଼ା ଘାଟ ପରି ଏହା ତଳକୁ ମଧ୍ୟ ମରୁଭୂମି ପାଲଟିବା ଅଶଙ୍କା ଦେଖାଦେଇଛି। ଏଣୁ ଇବ୍‌କୁ ମୃତ୍ୟୁମୁଖରୁ ରକ୍ଷା କରିବା ଦିଗରେ ରାଜ୍ୟ ସରକାର ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ



**କୁତ୍ରା, ୧୮ ।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ବୈଠକ ଗୃହରେ ମଙ୍ଗଳବାର ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ନୋଡାଲ ଅଫିସର ସୁନ୍ଦରଗଡ଼ ସିଡିପିଓ ବସନ୍ତ ଧଳ, କୁତ୍ରା ବିଡିଓ ଯୁଗଳ କିଶୋର ବିଶ୍ୱାଳ, ଏବିଡିଓ ଲିଲି ସଞ୍ଜିତା ମିଞ୍ଜ, ତହସିଲଦାର ପ୍ରମୋଦ କୁମାର ବାସକେ, ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା, କୁତ୍ରା ସିଡିପିଓ ଜୟଶ୍ରୀ ପଟ୍ଟନାୟକ, ଅଗ୍ନିଶମ ବିଭାଗ କର୍ମଚାରୀ, ଡାକ୍ତରଖାନା କର୍ମଚାରୀଙ୍କ ସମେତ ବହୁ ବିଭାଗର କର୍ମଚାରୀ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିପର୍ଯ୍ୟୟ ସମୟରେ କିପରି ତା'ର ପ୍ରତିକାର କରାଯିବା ସେ ଉପରେ ଆଲୋଚନା କରାଯାଇଥିଲା। ନଦୀ ତଟବର୍ତ୍ତୀ ଅଞ୍ଚଳରେ ବନ୍ୟା ସମୟରେ ଜଳ ଘେରରେ ଫସି ରହିଥିବା ଲୋକଙ୍କୁ କିପରି ଉଦ୍ଧାର କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ଝଡ଼ତୋଫାନରେ ଗଛ ପଡ଼ି ବିଦ୍ୟୁତ ଯୋଗାଣରେ ଅସୁବିଧା ହେଉଥିବାରୁ ବିଦ୍ୟୁତ ତାରକୁ ଲାଗି ରହିଥିବା ଗଛଗୁଡ଼ିକୁ କାଟି ସଫା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳର ସମସ୍ତ ଗାଡ଼ି ମାଲିକ ଓ ଛୋଟବଡ଼ ମୋବାଇଲ ଦୋକାନୀଙ୍କ ମୋବାଇଲ ନମ୍ବର ଲଗାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନଦୀ ତଟବର୍ତ୍ତୀ ସମସ୍ତ ପଞ୍ଚାୟତରେ ଆଶ୍ରୟସ୍ଥଳ ପାଇଁ ଉଚ୍ଚ ସ୍ଥାନରେ ସରକାରୀ ସ୍ଥାନ ଚିହ୍ନଟ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶେଷରେ କୁତ୍ରା ବିଡିଓ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ସୁନ୍ଦରଗଡ଼ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଉତ୍ସବ

# ୧୨୧୭୭୦ ଚାଷୀଙ୍କୁ ୧୭ତମ କିସ୍ତି ପ୍ରଦାନ





**ସୁନ୍ଦରଗଡ଼, ୧୮ ।୬(ସମିସ):** ସୁନ୍ଦରଗଡ଼ ବିକାଶ ଭବନରେ ଜିଲ୍ଲାସ୍ତରୀୟ ପ୍ରଧାନମନ୍ତ୍ରୀ କିଷାନ ଉତ୍ସବ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଅନ୍ତର୍ଗତ ଜିଲ୍ଲାର ଚାଷୀମାନଙ୍କୁ ୧୭ତମ କିସ୍ତି ପ୍ରଦାନ କରାଯାଇଛି। ଏହି ଅବସରରେ ଉତ୍ତରପ୍ରଦେଶରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କାର୍ଯ୍ୟକ୍ରମର ସିଧାପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଅନ୍ତର୍ଗତ ସୁନ୍ଦରଗଡ଼ ଜିଲ୍ଲାର ୧୨୧୭୭୦ ଚାଷୀଙ୍କୁ ବ୍ୟାଙ୍କ ଟ୍ରାନ୍ସଫର ମାଧ୍ୟମରେ କିସ୍ତି ପ୍ରଦାନ ହୋଇଛି। ଏହି ଚାଷୀମାନଙ୍କ ମଧ୍ୟରେ ବାଲିଶଙ୍କରା ବ୍ଲକର ୧୦୪୨୨, ବଡ଼ଗାଁର ୯୨୯୬, ବିଶ୍ରାର ୪୯୪୯, ବଣାଇଁର ୫୭୨୭, ଗୁରୁଣ୍ଡିଆର ୫୫୪୨, ହେମଗିରିର ୫୬୮୩, କୋଇଡ଼ାର ୨୯୯୮, କୁଆଁରମୁଣ୍ଡାର ୭୨୧୯, କୁତ୍ରାର ୮୮୭୯, ଲହୁଣୀପଡ଼ାର ୭୮୪୭, ଲାଠିକଟାର ୬୩୩୧, ଲେଫ୍ରିପଡ଼ାର ୯୦୭୫, ନୂଆଗାଁର ୧୧୨୫୮, ରାଜଗାଙ୍ଗପୁରର ୭୪୮୫, ସବଡେଗାର ୬୭୪୪, ସୁନ୍ଦରଗଡ଼ର ୬୬୪୭ ଏବଂ ଟାଙ୍ଗରପାଲି ବ୍ଲକର ୫୬୭୮ ଚାଷୀ ରହିଛନ୍ତି। ଏମାନଙ୍କୁ ଏହି ଯୋଜନା ଅନ୍ତର୍ଗତ ତିନି କିସ୍ତିରେ ବାର୍ଷିକ ୬୦୦୦ ଟଙ୍କା ରାଶି ପ୍ରଦାନ ବ୍ୟବସ୍ଥା ରହିଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ଉପାଧ୍ୟକ୍ଷ କମଳ ଲାକ୍ରା, ସୁନ୍ଦରଗଡ଼ ପୌରପାଳିକା ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲାପାଳ ଡା. ପରାଗ ଗଭାଲି, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡା. ଲକ୍ଷ୍ମୀପ୍ରିୟା ପ୍ରଧାନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ, ଜନ ପ୍ରତିନିଧି, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବହୁ ସଂଖ୍ୟାରେ ଚାଷୀ ଉପସ୍ଥିତ ଥିଲେ।

## ବାଇକ ଦୁର୍ଘଟଣାରେ ଜଣେ ମୃତ

**ସୁନ୍ଦରଗଡ଼, ୧୮ ।୬(ସମିସ):** ବନ୍ଧପାଲି-କିଞ୍ଜିରକେଲା ରାସ୍ତାର ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ଟାଙ୍ଗରମୁଣ୍ଡା ନିକଟରେ ଏକ ବାଇକ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ୍ ଆରୋହୀ ରତନପୁର ଗ୍ରାମର ବିକ୍ରମ ନାଏକ (୩୪)ଙ୍କ ମୃତ୍ୟୁ ଘଟିଥିବା ବେଳେ ବିନୋଦ ନାଏକ ଆହତ ହୋଇଛନ୍ତି। ବିକ୍ରମ ଏବଂ ବିନୋଦ ବାଇକରେ ରତନପୁରରୁ କିଞ୍ଜିରକେଲା ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଅଭିଯୋଗ ପାଇ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଆହତ ବିନୋଦଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି।

## ସାପ କାମୁଡ଼ାରେ ୨ ବର୍ଷର ଶିଶୁ ମୃତ

**ସୁନ୍ଦରଗଡ଼, ୧୮ ।୬(ସମିସ):** ଏକ ଅଭାବନୀୟ ଘଟଣା କ୍ରମେ ମଙ୍ଗଳବାର ସକାଳେ ଭଷ୍ମା ଥାନା ଅନ୍ତର୍ଗତ ମସ୍ନିକାନୀ ଗ୍ରାମରେ ସାପ କାମୁଡ଼ାରେ ଜଣେ ୨ବର୍ଷ ବୟସ୍କ ଶିଶୁର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ବିଜୟ ମୁଣ୍ଡାଙ୍କ ଭଣଜା ଜିରା ମୁଣ୍ଡା। ଜିରାଙ୍କୁ ତାଙ୍କ ଘରେ ଏକ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ତାଙ୍କ ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଯୁବକଙ୍କୁ ମାଡ଼ ଅଭିଯୋଗ

**ରାଉରକେଲା, ୧୮ ।୬(ସମିସ):** ଜଣେ ଯୁବକଙ୍କୁ ମାଡ଼ ହୋଇଥିବା ସେକ୍ଟର-୧୫ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି। ମଙ୍ଗଳବାର ରାତିରେ ସେକ୍ଟର-୧୪ ବସ୍ତିରେ କୌଣସି କଥାକୁ ନେଇ ଦୁଇ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ମାରପିଟ ଆଡ଼କୁ ଯାଇଥିଲା। ଏନେଇ ମାଡ଼ ଖାଇଥିବା ଯୁବକ ଥାନା ଦ୍ୱାରସ୍ଥ ହୋଇଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

**କୁତ୍ରା, ୧୮ ।୬(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ସିଆଲଯୋରରେ ମଙ୍ଗଳବାର ସଡ଼କ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ କୁତ୍ରା ପଞ୍ଚାୟତ ମାଲୁପଡ଼ା ଗ୍ରାମର ସୁବାସ ମିଞ୍ଜ। ସୋମବାର ଅପରାହ୍ନରେ ସୁବାସ ନିଜ କାମ ସାରି ବାଇକ୍ ଯୋଗେ ସିଆଲଯୋର ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ତାଙ୍କ ଗୋଡ଼ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସେଠାରେ ସେ ଅଚେତ ହୋଇ ପଡ଼ିଯାଇଥିଲେ। ତାଙ୍କ ସହ କାମ କରିବାକୁ ଯାଇଥିବା ତାଙ୍କ ସାଥୀମାନେ ପଛରୁ ଅନ୍ୟ ଏକ ବାଇକ୍ ଆସୁଥିଲେ। ସେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସାଥୀମାନେ ତାଙ୍କୁ ଉଦ୍ଧାର କରି କୁତ୍ରା ଡାକ୍ତରଖାନା ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

## ୱାରେଣ୍ଟି ଗିରଫ

**ସୁନ୍ଦରଗଡ଼, ୧୮ ।୬(ସମିସ):** ହେମଗିରି ଥାନା ପୁଲିସ ଜଣେ ୱାରେଣ୍ଟିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ୨୦୧୨ରେ ଲୁଆବାହାଲ ଗ୍ରାମର ବିକାଶ ଦାଶ ଏକ ଜାତିଆଣ ଆକ୍ଷେପ ମାମଲାରେ ପୁଲିସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଜାମିନରେ ମୁକୁଳିଥିଲେ ହେଁ ଶୁଣାଣି ସମୟରେ ଅଦାଲତରେ ହାଜର ହୋଇ ନ ଥିଲେ। ଏଣୁ ସୁନ୍ଦରଗଡ଼ ଜିଲ୍ଲା ଜଜ୍‌ଙ୍କ ପକ୍ଷରୁ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି ହୋଇଥିଲା।

## ପ୍ରକଳ୍ପସ୍ଥଳରୁ ଲୁହା ରଡ୍ ଚୋରି

**ସୁନ୍ଦରଗଡ଼, ୧୮ ।୬(ସମିସ):** ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନିକଟରେ ନିର୍ମାଣ ହେଉଥିବା ଏକ ନୂତନ ହଷ୍ଟେଲ ପ୍ରକଳ୍ପସ୍ଥଳରୁ ଲୁହା ରଡ୍ ଚୋରି ହୋଇଛି। କେହି ଦୁର୍ବୃତ୍ତ ୨ ବଣ୍ଡଲ ରଡ୍ ଚୋରାଇ ନେଇଛନ୍ତି। ସମ୍ପୃକ୍ତ ଠିକାଦାର ଦିଲୀପ ପଟେଲ ଏ ନେଇ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଏସ୍‌ୟୁସିଆଇ ସଦସ୍ୟ ମହାବୀର ଶର୍ମାଙ୍କ ବିୟୋଗରେ ଶୋକ

**ରାଉରକେଲା, ୧୮ ।୬(ସମିସ):** ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଉରକେଲା ଆଞ୍ଚଳିକ କମିଟିର ବରିଷ୍ଠ ଆବେଦନକାରୀ ସଦସ୍ୟ କମ୍ରେଡ୍ ମହାବୀର ଶର୍ମାଙ୍କ ବିୟୋଗରେ ରାଉରକେଲା କମିଟି ତରଫରୁ ମଙ୍ଗଳବାର ଡେଲିମାର୍କେଟସ୍ଥିତ ୱାର୍କର୍ସ ଆଣ୍ଡ ପିଜାଣ୍ଟ ହାଉସରେ ଶୋକସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା କମିଟିର ବରିଷ୍ଠ ସଦସ୍ୟ ସତ୍ୟପ୍ରିୟ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶୋକସଭାରେ ପାର୍ଟିର ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟା ଛବି ମହାନ୍ତି, ରାଜ୍ୟ ସମ୍ପାଦକ ଓ କେନ୍ଦ୍ରୀୟ କମିଟି ସଦସ୍ୟ ଶଙ୍କର ଦାସଗୁପ୍ତାଙ୍କ ତରଫରୁ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟା ସ୍ୱୟଂପ୍ରଭା ନାୟକ, ପୂର୍ବତନ ଜିଲ୍ଲା ସମ୍ପାଦକ ଓ ରାଜ୍ୟ କମିଟି ସଦସ୍ୟ ଅଜୟ ମହାନ୍ତି, ସୁନ୍ଦରଗଡ଼ ଜିଲ୍ଲା ସମ୍ପାଦକ ଅଜିତ ନାୟକ, ବରିଷ୍ଠ ସଦସ୍ୟ ଶ୍ରୀନିବାସ ସେଠୀ, ଆଞ୍ଚଳିକ କମିଟି ସମ୍ପାଦକ ବିଷ୍ଣୁ ପଣ୍ଡା ପ୍ରମୁଖ କମ୍ରେଡ୍ ମହାବୀର ଶର୍ମାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ବିପ୍ଳବୀ ଶ୍ରଦ୍ଧା ଜ୍ଞାପନ କରିବା ସହ ସ୍ମୃତିଚାରଣ କରିଥିଲେ। ମାର୍କସବାଦ-ଲେନିନବାଦ କମ୍ରେଡ୍ ଶିବଦାସ ଘୋଷଙ୍କ ଚିନ୍ତାଧାରାକୁ ଭିତ୍ତିକରି ପ୍ରୟାତ କମ୍ରେଡ୍ ତାପସ ଦତ୍ତାଙ୍କ ନେତୃତ୍ୱରେ ୭୦ ଦଶକରେ ରାଉରକେଲା ଓ ସୁନ୍ଦରଗଡ଼ ଜିଲ୍ଲାରେ ପାର୍ଟି ନେତୃତ୍ୱରେ ଚାଲିଥିବା ଐତିହାସିକ ଶ୍ରମିକ ଆନ୍ଦୋଳନ ଓ ଜନ ଆନ୍ଦୋଳନ ପରିପ୍ରେକ୍ଷୀରେ ମହାବୀର ଶର୍ମା ପାର୍ଟିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସଂଗଠନରେ ଯୋଗଦେଇଥିଲେ। ଦୀର୍ଘ ୫୦ରୁ ଊର୍ଦ୍ଧ୍ୱ ବର୍ଷ ସେ ପାର୍ଟିର ଜଣେ ଶୃଙ୍ଖଳିତ କର୍ମୀ ଓ ଦୃଢ଼ ଆତ୍ମବିଶ୍ୱାସ ସହିତ ଶ୍ରମିକ ଶ୍ରେଣୀର ମୁକ୍ତି ଆନ୍ଦୋଳନରେ ରହି ୮୬ ବର୍ଷ ବୟସରେ ମେ ୨୪ ତାରିଖ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ ବୋଲି ଅତିଥିମାନେ କହିଥିଲେ। ଶୋକସଭାରେ ପାର୍ଟିର ବହୁ ପୁରୁଖା ନେତା କର୍ମୀ, ସମର୍ଥକଙ୍କ ସମେତ ସ୍ୱର୍ଗତ ଶର୍ମାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।



# ଓଡ଼ିଶାରେ ମେଡିକାଲ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବି

**ସୁନ୍ଦରଗଡ଼, ୧୮ ।୬(ସମିସ):** ଓଡ଼ିଶାରେ ମେଡିକାଲ ବିଶ୍ୱବିଦ୍ୟାଳୟ ସ୍ଥାପନ ଦାବିରେ ବିଜେଡି ନେତା ଡା. ହିମାଂଶୁ ଶେଖର ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଅନେକ ଅଭିଭାବକ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦେଶର ସଂଘୀୟ ବ୍ୟବସ୍ଥାରେ ରାଜ୍ୟର ସ୍ୱାଭିମାନ ଓ ଅଧିକାର ତଥା ରାଜ୍ୟବାସୀଙ୍କ ହିତ ଦୃଷ୍ଟିରୁ ଡାକ୍ତରୀ ପରୀକ୍ଷାକୁ ସରଳୀକରଣ କରିବାର ଆବଶ୍ୟକତା ରହିଛି। ଓଡ଼ିଶାର ଅଧିକାଂଶ ଛାତ୍ରଛାତ୍ରୀ ଯୁକ୍ତ ୨ ଏବଂ ନିଜ ରାଜ୍ୟର ସିଏଚଏସଇ ପାଠ୍ୟକ୍ରମରେ ପାଠ ପଢ଼ନ୍ତି। କିନ୍ତୁ ଏନଟିଏ ଦ୍ୱାରା କରାଯାଉଥିବା ନିଟ୍ ମେଡିକାଲ ପରୀକ୍ଷା ଏନସିଇଆରଟି ଦ୍ୱାରା ପ୍ରଯୋଜିତ ସିବିଏସଇ ପାଠ୍ୟକ୍ରମକୁ ନେଇ ହୋଇଥାଏ। ଏହା ଦ୍ୱାରା ଓଡ଼ିଆ ଛାତ୍ରଛାତ୍ରୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଓଡ଼ିଶା ଏକ ଗରିବ ରାଜ୍ୟ ହୋଇଥିବାରୁ ଅଧିକାଂଶ ପିଲା ଓଡ଼ିଶା ଭିତରେ କିମ୍ବା ରାଜ୍ୟ ବାହାରେ ଥିବା ବଡ଼ କୋଚିଂ ସେଣ୍ଟରରରେ କୋଚିଂ ନେଇପାରନ୍ତି ନାହିଁ। ଏହି ଦୁଇ କାରଣ ପାଇଁ ଓଡ଼ିଶାରେ ରହିଥିବା ୨୧୦୦ ମେଡିକାଲ ସିଟ୍‌ରେ ଅନ୍ୟ ରାଜ୍ୟରୁ ପିଲାମାନେ ନିଟ ପରୀକ୍ଷାରେ ବେଶୀ ନମ୍ବର ରଖି ମାଡ଼ିବସନ୍ତି। ଓଡ଼ିଶାର ଅର୍ଥରେ ନିର୍ମିତ ଓ ପରିଚାଳିତ ମେଡିକାଲ୍ କଲେଜଗୁଡ଼ିକରେ ରାଜ୍ୟର ଛାତ୍ରଛାତ୍ରୀ ସିଟ୍ ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଏଥିରେ ଦର୍ଶାଯାଇ ଓଡ଼ିଶାରେ ମେଡିକାଲ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ସହ ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡାକ୍ତରୀ କଲେଜରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସିମେଷ୍ଟର ପରୀକ୍ଷା ଓ ପରିଚାଳନା କ୍ଷମତା ପ୍ରଦାନ କରାଯିବାକୁ ଏଥିରେ ଦାବି କରାଯାଇଛି।



# ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ ବୈଠକ

ସୁନ୍ଦରଗ, ୧୮ ।୬(ସମିସ)




ସମ୍ଭାବ୍ୟ ବିପର୍ଯ୍ୟୟ ପରିସ୍ଥିତିର ପରିଚାଳନା ନିମନ୍ତେ ଜିଲ୍ଲାସ୍ତରୀୟ 'ଟେବୁଲ୍ ଟପ୍ ଏକ୍ସରସାଇଜ' ବୈଠକ ମଙ୍ଗଳବାର ସ୍ଥାନୀୟ ସଦଭାବନା ଭବନରେ ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ବିଭିନ୍ନ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥାପନା କରିଥିଲେ। ବିଶେଷ କରି ବିପର୍ଯ୍ୟୟ ସମୟରେ ପୁନରୁଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା, ପୀଡ଼ିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ଏବଂ ଉତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସମସ୍ତ ଡ୍ରେନର ସଫେଇ, ଆଶ୍ରୟ ଗୃହ ଆଦିର ଚିହ୍ନଟ ଏବଂ ପ୍ରସ୍ତୁତି, ଖରାପ ହୋଇଥିବା ନଳକୂପ ଆଦିର ମରାମତି, ବିଶୁଦ୍ଧ ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ ବ୍ୟବସ୍ଥା, ବଜାର ଖାଦ୍ୟର ମାନ ନିୟମିତ ଭାବେ ଖାଦ୍ୟ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ, ସମସ୍ତ ହସ୍ପିଟାଲରେ ଆବଶ୍ୟକ ଔଷଧ, ସାପକାମୁଡ଼ା ଔଷଧ ମହଜୁଦ ରଖିବା, ପଶୁପକ୍ଷୀଙ୍କୁ ମଧ୍ୟ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ଓ ତାଙ୍କ ପାଇଁ ଆବଶ୍ୟକ ଖାଦ୍ୟପଦାର୍ଥ ମହଜୁଦ ରଖିବା, ଟିକାକରଣ, ଗର୍ଭବତୀ ମହିଳାଙ୍କୁ ଚିହ୍ନଟ କରି ସେମାନଙ୍କୁ ମା' ଗୃହକୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରିବା, ସମ୍ଭାବ୍ୟ ବିପର୍ଯ୍ୟୟ ନେଇ ସଚେତନତା ସୃଷ୍ଟି ଉପରେ ଆଲୋଚନା ହୋଇଥିଲା।

ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଅଧିକାରୀମାନେ ଉଦ୍ଧାର କାର୍ଯ୍ୟ କିଭଳି କରିବେ ଏବଂ ଉଦ୍ଧାର କାର୍ଯ୍ୟ ନିମନ୍ତେ ସେମାନଙ୍କ ନିକଟରେ ମହଜୁଦ ଥିବା ମେସିନଗୁଡ଼ିକ ଉପରେ ମଧ୍ୟ ଉପସ୍ଥାପନା କରିଥିଲେ। ସମସ୍ତ ଅଧିକାରୀ ସମ୍ଭାବ୍ୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବା ସହ ସମସ୍ତେ ସତର୍କ ରହିବାକୁ ଅତିରିକ୍ତ ଜିଲ୍ଲାପାଳ ମାଝୀ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ପର୍ଯ୍ୟବେକ୍ଷକ ତଥା ରାଜସ୍ୱ ଅଧିକାରୀମାନଙ୍କ ପ୍ରଶିକ୍ଷଣ କେନ୍ଦ୍ର, ଭୁବନେଶ୍ୱର ପ୍ରଶିକ୍ଷକ ପାୱାଙ୍ଗ ତାମାଙ୍ଗ ବୈଠକରେ ଯୋଗଦେଇ ସମସ୍ତ ବିଭାଗୀୟ ଅଧିକାରୀମାନେ ସମସ୍ତ ପ୍ରକାରର ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ସର୍ବଦା ପ୍ରସ୍ତୁତ ରହିବା ଆବଶ୍ୟକ ଏବଂ ଆବଶ୍ୟକ ତଥ୍ୟ ତଥା ସମସ୍ତଙ୍କ ମଧ୍ୟରେ ଉଚିତ୍ ସମନ୍ୱୟ ରହିଲେ ସବୁ ପ୍ରକାର ବିପର୍ଯ୍ୟୟର ସାମନା ସଫଳତାର ସହ କରିହେବ ବୋଲି ସେ କହିଥିଲେ। ବୈଠକରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଧୀରେନ୍ଦ୍ର ସେଠୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ ପ୍ରସାଦ, ଡେପୁଟି କଲେକ୍ଟର ସ୍ମୃତିସୌମ୍ୟା ଦାସ ଏବଂ ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ସେହିପରି ଆଜି ସମସ୍ତ ବ୍ଲକରେ ଏହି ବୈଠକ ଅନୁଷ୍ଠିତ ହୋଇ ବ୍ଲକ ସ୍ତରରେ ମଧ୍ୟ ସମ୍ଭାବ୍ୟ ବିପର୍ଯ୍ୟୟର ପରିଚାଳନା କିଭଳି କରିବେ ସେ ନେଇ ଆଲୋଚନା ହୋଇଥିଲା।

